# ପିଏମ୍‌ଶ୍ରୀ ପିଆର୍ ହାଇସ୍କୁଲର ବାର୍ଷିକ ଉତ୍ସବ




ବଲାଙ୍ଗିର, ୮ ।୨(ସମିସ): ସ୍ଥାନୀୟ ପିଏମ୍‌ଶ୍ରୀ ପିଆର ହାଇସ୍କୁଲର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ବଲାଙ୍ଗିର ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ସେଠି ଯୋଗଦେଇ କର୍ମ ଏବଂ ଶୃଙ୍ଖଳା ଦ୍ୱାରା ଜଣେ ଆଦର୍ଶ ଶିକ୍ଷକ ଏବଂ ଛାତ୍ର ହେବା ପାଇଁ ତାଙ୍କ ବକ୍ତବ୍ୟରେ ମତପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବଲାଙ୍ଗିର ପ୍ରବୀର ପଣ୍ଡା ଯୋଗ ଦେଇ ଜୀବନରେ କୃତକାର୍ଯ୍ୟ ହେବା ପାଇଁ ଉଦ୍ୟମ ଏବଂ ଅଧ୍ୟବସାୟ ନିହାତି ଜରୁରି ବୋଲି ଆଲୋକପାତ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପଞ୍ଚଶଖା ଶିକ୍ଷା ସେତୁର ସମ୍ପାଦକ ତଥା ପିଏମ୍‌ଶ୍ରୀ କନ୍ଦକେଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ରାମ ଗୋପାଳ ଖମାରୀ ଶର୍ମା ଯୋଗ ଦେଇ ଛାତ୍ରମାନଙ୍କୁ ଶିକ୍ଷାରେ ଉନ୍ନତି କରିବା ପାଇଁ ଆହ୍ୱାନ ଜଣାଇଥିଲେ । ବିଦ୍ୟାଳୟର ପଞ୍ଚଶଖା ଶିକ୍ଷା ସେତୁର ସଭାପତି ବିଘ୍ନେଶ୍ୱର ମହାନ୍ତି ଏବଂ ସ୍କୁଲ ପରିଚାଳନା କମିଟିର ସଦସ୍ୟା ସାହିନା ବେଗମ ମଞ୍ଚାସୀନ ଥିଲେ । ପ୍ରଧାନ ଶିକ୍ଷକ ସନ୍ତୋଷିନୀ ସେଠି ସଭାପତିତ୍ୱ କରିଥିଲେ । ବରିଷ୍ଠ ଶିକ୍ଷକ ବିକାଶ ରଞ୍ଜନ ସାହୁ ଅତିଥି ପରିଚୟ ଦେବା ସହ ସଭା ସଂଯୋଜନା କରିଥିଲେ । ଗତ ବର୍ଷ ମେଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ବିନାୟକ ପଣ୍ଡା ଏବଂ ଚଳିତ ବର୍ଷ ବିଦ୍ୟାଳୟର ଶ୍ରେଷ୍ଠ ଆଦର୍ଶ ଛାତ୍ର ଭାବେ ଅର୍ଜୁନ କବାଟଙ୍କୁ ପୁରସ୍କୃତ କରାଯାଇଥିଲା । ମଲିମୟୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## କୃଷି ପରେ ଆୟୁର୍ବେଦିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦାବି ଶାଣିତ

# ପୂରଣ ନା ବାଟବଣା ହେବ?

ବଲାଙ୍ଗିର, ୮ ।୨(ସମିସ)

ପଶ୍ଚିମଓଡ଼ିଶାର ସୁଦୃଢ ଶିକ୍ଷା ଭିତ୍ତିଭୂମିକୁ ଦ୍ୱିଗୁଣିତ କରିବା ପାଇଁ ବଲାଙ୍ଗିର ଜିଲ୍ଲା ଏକ ପ୍ରକୃଷ୍ଟ ଅଞ୍ଚଳ । ଯେଉଁଥିପାଇଁ ଅନେକ ସମୟରେ ଉଚ୍ଚଶିକ୍ଷା ପାଇଁ ବିଭିନ୍ନ ବିଭାଗର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ଜନପ୍ରତିନିଧିମାନେ ଦାବି ଉଠାଇଥାନ୍ତି । କିନ୍ତୁ ପରବର୍ତ୍ତି ସମୟରେ ଉକ୍ତ ଦାବି ତଥା ଜିଲ୍ଲାବାସୀଙ୍କ ସ୍ୱପ୍ନ ମରିଚିକା ପାଲଟିଯାଇଥାଏ । କିଛି ବର୍ଷ ପୂର୍ବରୁ ବଲାଙ୍ଗିରରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଦାବି ଉଠିଥିଲା । ବର୍ତ୍ତମାନ ବଲାଙ୍ଗିର ଆୟୁର୍ବେଦିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦାବି ସ୍ୱର ଅଧିକ ଶାଣିତ ହୋଇଛି । ଏପରିକି ସରକାରୀ ଦଳର ବିଧାୟକ ତଥା ମନ୍ତ୍ରୀ ମଧ୍ୟ ଏହି ଦାବି ସମର୍ଥନରେ ରହିଛନ୍ତି । ଆଗକୁ ଏହି ଦାବି ପୂରଣ ହେବ ନା କୃଷି ବିଶ୍ୱବିଦ୍ୟାଳୟ ଭଳି ଏହି ଦାବି ମଧ୍ୟ ଅପୂରଣ ହୋଇ ରହିବ ତାକୁ ନେଇ ସରଗରମ ଆଲୋଚନା ଆରମ୍ଭ ହୋଇଛି ।

ବଲାଙ୍ଗିର ସରକାରୀ ଆୟୁର୍ବେଦିକ ମହାବିଦ୍ୟାଳୟ ହେଉଛି ରାଜ୍ୟର ଦ୍ୱିତୀୟ ସରକାରୀ ଆୟୁର୍ବେଦିକ ମହାବିଦ୍ୟାଳୟ । ଏହି ମହାବିଦ୍ୟାଳୟକୁ ୫୦ ବର୍ଷ ପୂରଣ ହୋଇଛି । ଏହାର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ କରାଯାଉଛି । ତେବେ ଏହି ମହାସମାରୋହ ଭିତରେ ବଲାଙ୍ଗିରରେ ଆୟୁର୍ବେଦିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ଦାବି ଉଠିଛି । ପୂର୍ବରୁ ମଧ୍ୟ ପୁରାତନ ଛାତ୍ର ସଂସଦ ପକ୍ଷରୁ ଏହି ଦାବି କରାଯାଇଛି । ସୁବର୍ଣ୍ଣ ଜୟନ୍ତୀ କାର୍ଯ୍ୟକ୍ରମରେ ପୁଣି ଥରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମ୍ମୁଖରେ ଏହି ଦାବିକୁ ଦୋହାରାଇଥିଲେ । ବଲାଙ୍ଗିରରେ ସମ୍ଭାବନା ରହିଥିବାରୁ ଆୟୁର୍ବେଦିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା ଦିଗରେ ସରକାର ଉଦ୍ୟମ କରିବାକୁ ସେ ଅନୁରୋଧ କରିଥିଲେ । ସେହିପରି ଏହି ଦାବିକୁ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ମଧ୍ୟ ସମର୍ଥନ ଜଣାଇଥିଲେ । ଯେହେତୁ ଏହା ଓଡ଼ିଶାର ଦ୍ୱିତୀୟ ସରକାରୀ ଆୟୁର୍ବେଦିକ ମହାବିଦ୍ୟାଳୟ ତେଣୁ ଏଠାରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା ଉଚିତ ବୋଲି କହିଥିଲେ । କେବଳ ଏତିକି

**ସରକାରୀ ବିଧାୟକ ମଧ୍ୟ ସମର୍ଥନ କଲେ**

ନୁହଁ ଆୟୁର୍ବେଦିକ ଚିକିତ୍ସା ଗବେଷଣା କରିବା ପାଇଁ ମଧ୍ୟ ଏକ ଉନ୍ନତ କେନ୍ଦ୍ର ବଲାଙ୍ଗିରରେ କରାଯାଇପାରିବ ବୋଲି ସେ କହିଥିଲେ । ତେବେ ଏହି ନେତାମାନଙ୍କ ପ୍ରତିକ୍ରିୟାରୁ ଏହା ସ୍ପଷ୍ଟ ଯେ ବଲାଙ୍ଗିରରେ ଅନେକ ସମ୍ଭାବନା ରହିଛି । ସେହିପରି ଜିଲ୍ଲାରେ ଗନ୍ଧମାର୍ଦ୍ଦନ ଭଳି ଅନେକ ଜଙ୍ଗଲ ରହିଛି ଯେଉଁଠାରେ ଥିବା ପର୍ଯ୍ୟାପ୍ତ ପରିମାଣର ଔଷଧୀୟ ବୃକ୍ଷ ଯୋଗୁଁ ଗବେଷଣା ମଧ୍ୟ କରାଯାଇପାରିବ । ତେବେ ଏହି ଦାବି ଉପରେ ନିଜ ପ୍ରତିକ୍ରିୟା ରଖି ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ମହାବିଦ୍ୟାଳୟର ଭିତ୍ତିଭୂମି ସୁଦୃଢ କରିବା ଦିଗରେ ସରକାର ପଦକ୍ଷେପ ନେଇଥିବା ବେଳେ ବିଶ୍ୱବିଦ୍ୟାଳୟ ଦାବି ଦିଗରେ ମଧ୍ୟ ପଦକ୍ଷେପ ଗ୍ରହଣ କରାଯିବ । ସମୟ ଆସିଲେ ସେ ନେଇ ସ୍ପଷ୍ଟ ସୂଚନା ଦିଆଯିବ ବୋଲି କହିଥିଲେ । ତେବେ ଏହିଭଳି ଭାବେ ପୂର୍ବରୁ ବଲାଙ୍ଗିରରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ଦାବି ଉଠିଥିଲା । ସେହି ସମୟରେ ବର୍ତ୍ତମାନର ସରକାରୀ ଦଳର ନେତାମାନେ ବିରୋଧୀ ଆସନରେ ବସି ଏହି ଦାବି ଉପସ୍ଥାପନ କରିଥିବା ବେଳେ ବଲାଙ୍ଗିରରୁ ପ୍ରତିନିଧିତ୍ୱ କରୁଥିବା କନକ ବର୍ଦ୍ଧନ ସିଂହଦେଓଙ୍କୁ କୃଷିମନ୍ତ୍ରୀ ପଦବୀ ମିଳିଛି । କିନ୍ତୁ ଆଜି ପର୍ଯ୍ୟନ୍ତ ଏନେଇ କୌଣସି ରୂପରେଖ ପ୍ରସ୍ତୁତ ହୋଇ ନ ଥିବା ବେଳେ ଏହି ବିଶ୍ୱବିଦ୍ୟାଳୟ ବଦଳରେ ମହାବିଦ୍ୟାଳୟ କରାଯାଇପାରିବ ବୋଲି ପୂର୍ବରୁ ଶ୍ରୀ ସିଂହଦେଓ କହିସାରିଛନ୍ତି । ତେବେ ସୌଭାଗ୍ୟକୁ ବଲାଙ୍ଗିର ଜିଲ୍ଲା ଲୋଇସିଂହା ବିଧାୟକ ସ୍ୱାସ୍ଥ୍ୟମନ୍ତ୍ରୀ ପଦବୀରେ ରହିଥିବା ବେଳେ ଆୟୁର୍ବେଦିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା ଦିଗରେ ସେ ଉଦ୍ୟମ କରିବେ ବୋଲି ଲୋକେ ଆଶା ବାନ୍ଧିଛନ୍ତି । କିନ୍ତୁ କୃଷିମନ୍ତ୍ରୀ ଭଳି ସେ ୟୁଟର୍ଣ୍ଣ ମାରିବେ ନା ସତରେ ଏନେଇ କେନ୍ଦ୍ର ଆୟୁଷ ମନ୍ତ୍ରଣାଳୟ ସହ ଆଲୋଚନା କରି ଏହି ପ୍ରସ୍ତବ ରଖିବେ ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । କୃଷି ବିଶ୍ୱବିଦ୍ୟାଳୟ ଭଳି ନୂତନ ଆୟୁର୍ବେଦିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନିଷ୍ପତ୍ତି କେନ୍ଦ୍ର ଆୟୁଷ ମନ୍ତ୍ରଣାଳୟ ଅଧୀନରେ ରହିଛି । ପୂର୍ବରୁ ଏନେଇ ଦାବି କରାଯାଇଥିବା ବେଳେ ଏହାକୁ ପୂରଣ କରିବା ଦିଗରେ ଶ୍ରୀ ମହାଲିଙ୍ଗ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି । ତେବେ ସତରେ ସେ ଦାବି କରିବେ ନା ଅନ୍ୟ ପ୍ରସଙ୍ଗ ଭଳି ନୀରବ ରହିବେ ତାହା ଦେଖିବାକୁ ବାକି ରହିଲା ।

## ମହା ଶିବରାତ୍ରୀ ମେଳା ପାଇଁ ପ୍ରସ୍ତୁତି

ଟିଟିଲାଗଡ଼, ୮ ।୨(ସମିସ): ଟିଟିଲାଗଡ଼ ଉପକଣ୍ଠ କୁମୁଡା ପାହାଡ଼ ଗୁମ୍ଫାରେ ବିଦ୍ୟମାନ ଶ୍ରୀ ଶ୍ରୀ ଧବଳେଶ୍ୱର ମହାପ୍ରଭୁଙ୍କ ୭ ଦିନ ବ୍ୟାପୀ ମହା ଶିବରାତ୍ରି ମେଳା ଅନୁଷ୍ଠିତ ହେବ । ଏଥିନେଇ ପ୍ରସ୍ତୁତି ଜୋରଦାର ହୋଇଛି । ଏକ ପ୍ରସ୍ତୁତି ବୈଠକ ବସିଥିଲା । ଏଥିରେ ଟ୍ରଷ୍ଟ ଅଧକ୍ଷ ତଥା ଉପଜିଲ୍ଲାପାଳ ଅଧକ୍ଷତା କରିଥିଲେ । ଟ୍ରଷ୍ଟର ବରିଷ୍ଠ ସଦସ୍ୟ ଟିଟିଲାଗଡ଼ ନାଗରିକ କମିଟି ସଭାପତି ଆଇନଜୀବୀ ରାଧାକାନ୍ତ ପାଢ଼ୀ, ଭବାନୀ ପ୍ରସାଦ ହୋତା, ସେବାୟତ ଆଇନଜୀବୀ କମ୍ବୁପାଣି ପାଢ଼ୀ, ବଲାଙ୍ଗିର ସାଂସଦଙ୍କ ପ୍ରତିନିଧି ପ୍ରଶାନ୍ତ ଷଡ଼ଙ୍ଗୀ, ଅଲେଖ ଦଳବେହେରା, ରାଜୁ ମିଶ୍ର ପ୍ରମୁଖ ଆଲୋଚନା କରିଥିଲେ । ମେଳା ଆୟୋଜକ ଶ୍ରୀ ଶ୍ରୀ ଦଧିବାମନ ଏବଂ ଶ୍ରୀ ଶ୍ରୀ ଧବଳେଶ୍ୱର ଟ୍ରଷ୍ଟ ଅଧକ୍ଷ ତଥା ଟିଟିଲାଗଡ଼ ଉପଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟ, ଟ୍ରଷ୍ଟି ସଞ୍ଜୀବ ପାଢ଼ୀ, ସେବାୟତ କୁନୁ ପାଢ଼ୀ ପ୍ରମୁଖ ପାଟଣାଗଡ଼ରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କୁ ସାକ୍ଷାତ କରି ନିମନ୍ତ୍ରଣ କରିଛନ୍ତି ।

## ୧୦ରେ କବାଡ଼ି ଚୟନ ଶିବିର

ବଲାଙ୍ଗିର, ୮ ।୨(ସମିସ): କଟକରେ ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ବରିଷ୍ଠ ପୁରୁଷ ଓ ମହିଳା କବାଡି ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏଥିରେ ବଲାଙ୍ଗିର ଜିଲ୍ଲାରୁ ଖେଳାଳିମାନେ ଭାଗ ନେବେ । ଏଥିପାଇଁ ୧୦ରେ ବଲାଙ୍ଗିରରେ ଚୟନ ଶିବିର ଅନୁଷ୍ଠିତ ହେବ । ଗାନ୍ଧୀ ଷ୍ଟାଡିୟମରେ ଏହି ଚୟନ ଶିବିର କରାଯିବ । ଉତ୍ସୁକ ଖେଳାଳିମାନେ ସେଦିନ ସକାଳ ସାଢେ ୮ରେରେ ଉପସ୍ଥିତ ରହିବାକୁ କବାଡି ସମ୍ପାଦକ ବିଭୁତି ଭୂଷଣ ପଣ୍ଡା ଜଣାଇଛନ୍ତି ।

## ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

ଟିଟିଲାଗଡ଼, ୮ ।୨(ସମିସ): ଟିଟିଲାଗଡ଼ ସରକାରୀ ମହିଳା ଡିଗ୍ରୀ ମହାବିଦ୍ୟାଳୟର ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ରମେଶ ଚନ୍ଦ୍ର ସାମିନିଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଯଶୋବନ୍ତ ନାରାୟଣ ପ୍ରଧାନୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏସ୍‌ଆଇ ସୁକନ୍ୟା ରାଉତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଶିବିରର ଆବଶ୍ୟକତା ଓ ଉପାଦେୟତା ତଥା ମହିଳା ସଶକ୍ତିକରଣ ସମ୍ବନ୍ଧରେ ଛାତ୍ରୀମାନଙ୍କୁ ଅତିଥିଗଣ ଅବଗତ କରିଥିଲେ । ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀମାନଙ୍କ ପାଇଁ ଉଦ୍ଦିଷ୍ଟ ଏହି ପ୍ରଶିକ୍ଷଣ ଶିବିର ମାର୍ଚ୍ଚ ୧୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ୩ଟି ପର୍ଯ୍ୟାୟରେ ସମୁଦାୟ ୩୩୧ ଛାତ୍ରୀଙ୍କୁ ତାଲିମ ଦେବାକୁ ବ୍ୟବସ୍ଥା କରାଯାଇଛି । ପ୍ରଥମ ଦିନରେ ଯାଜ୍ଞସିନି ମାଝୀ ଆତ୍ମ ସୁରକ୍ଷାର ବିଭିନ୍ନ କୌଶଳ ସମ୍ବନ୍ଧରେ ଛାତ୍ରୀଙ୍କୁ ପ୍ରଶିକ୍ଷିତ କରିଥିଲେ ।

## ଶିକ୍ଷା ବିଭାଗର ଘରୋଇ ସ୍କୁଲ ପ୍ରୀତି

# ସରକାରୀ ସ୍କୁଲରେ ଘରୋଇ ସ୍କୁଲ୍ କାର୍ଯ୍ୟକ୍ରମ




**ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପାଖରେ ସୂଚନା ନାହିଁ**

ବଲାଙ୍ଗିର, ୮ ।୨(ସମିସ) : ବଲାଙ୍ଗିର ଜିଲ୍ଲା ଶିକ୍ଷା ବିଭାଗକୁ ବିବାଦ ଛାଡ଼ିବାର ନାଁ ନେଉନି । କିଛି ଦିନ ତଳେ ଜିଲ୍ଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବର ଅବ୍ୟବସ୍ଥା ଓ ଅନିମିତତାକୁ ନେଇ ଜିଲ୍ଲା ଶିକ୍ଷା ବିଭାଗ ବିବାଦୀୟ ହୋଇଥିଲା । ରବିବାର ପୁଣି ଏକ ସରକାରୀ ସ୍କୁଲ ପରିସରରେ ଗୋଟିଏ ଘରୋଇ ସ୍କୁଲର ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମକୁ ନେଇ ଜିଲ୍ଲା ଶିକ୍ଷା ବିଭାଗ ବିବାଦୀୟ ହୋଇଛି । ସରକାରୀ ସ୍କୁଲ ଭିତରେ ଘରୋଇ ସ୍କୁଲର କାର୍ଯ୍ୟକ୍ରମ ଆୟୋଜନ କରିବା ବିତର୍କର ବିଷୟ ହୋଇଛି । ଏନେଇ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପାଖରେ କୌଣସି ସୂଚନା ନାହିଁ । ବଲାଙ୍ଗିର ସହର ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଟାଉନ ବାଳିକା ବିଦ୍ୟାଳୟରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ କୌଣସି ସରକାରୀ ସ୍କୁଲ କିମ୍ବା ଅନ୍ୟ ବିଭାଗର ନ ଥିଲା । ସହରରେ ଥିବା ଘରୋଇ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଥିଲା । କିଡଜି ଏଲିମେଣ୍ଟରି ସ୍କୁଲ ପକ୍ଷରୁ ବାର୍ଷିକ ଉତ୍ସବ କିଡଜି ଫନ୍ ଫିଏଷ୍ଟା-୨୦୨୬ ଅନୁଷ୍ଠିତ ହୋଇଥିଲା । ତେବେ ସରକାରୀ ସ୍କୁଲ ପରିସରରେ ଘରୋଇ ସ୍କୁଲର କାର୍ଯ୍ୟକ୍ରମ ଆୟୋଜନ ହୋଇପାରିବ ନା ନାହିଁ ତାହା ବଡ଼ ପ୍ରଶ୍ନ । ଏହି ସ୍କୁଲକୁ ବିଜେଡି ସରକାର ସମୟରେ ୫-ଟି ଉପକ୍ରମରେ ଉନ୍ନତିକରଣ କରାଯାଇଥିଲା । ଏହି ଅନୁଷ୍ଠାନ ବିଭିନ୍ନ ସମୟରେ ଅନ୍ୟ ଅନୁଷ୍ଠାନର କାର୍ଯ୍ୟକ୍ରମ ପାଇଁ ବ୍ୟବହୃତ ହେଉଛି । ଘରୋଇ ସ୍କୁଲର କାର୍ଯ୍ୟକ୍ରମ ଆୟୋଜନକୁ ନେଇ ପ୍ରଶ୍ନ ଉଠିଛି । ଘରୋଇ ସ୍କୁଲକୁ ଏହା ଭଡାରେ ଦିଆଯାଇଛି ନା ମାଗଣାରେ ଦିଆଯାଇଛି ତାହା ମଧ୍ୟ ପ୍ରଶ୍ନ । ଏନେଇ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗଙ୍କୁ ପଚାରିବାରୁ ଏହିଭଳି ଭାବେ ଘରୋଇ ସ୍କୁଲ କାର୍ଯ୍ୟକ୍ରମ ସରକାରୀ ସ୍କୁଲ ପରିସରରେ ଆୟୋଜନ ହେବା ଅନୁଚିତ । ଏହିଭଳି ଏକ କାର୍ଯ୍ୟକ୍ରମ ବିଷୟରେ ତାଙ୍କ ପାଖରେ କୌଣସି ସୂଚନା ନାହିଁ କି ତାଙ୍କୁ ପାଖରୁ ଅନୁମତି ନିଆଯାଇନାହିଁ । ଯଦି ଏହିଭଳି କିଛି କାର୍ଯ୍ୟକ୍ରମ ହେଉଛି ତେବେ ସେ ବୁଝିବେ ବୋଲି କହିଥିଲେ । ତେବେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ବିନା ଅନୁମତିରେ ଏହିଭଳି ଏକ କାର୍ଯ୍ୟକ୍ରମ ଆୟୋଜନ କରିବା, ଅନୁମତି ପୂର୍ବରୁ ପ୍ରଧାନ ଶିକ୍ଷକ ଉପରିସ୍ଥ ଅଧିକାରୀଙ୍କୁ ନ ଜଣାଇବା ଏକ ସାଙ୍ଘାତିକ ବିଷୟ ।

## ବଲାଙ୍ଗିର ମାଲପଡ଼ା ନାଗରିକ କମିଟିର ବୈଠକ

ବଲାଙ୍ଗିର, ୮ ।୨(ସମିସ): ବଲାଙ୍ଗିର ମାଲପଡ଼ା ନାଗରିକ କମିଟିର ଅନୁଷ୍ଠିତ ହୋଇଯାଇଛି । ସଭା ପ୍ରାରମ୍ଭରେ ପଡ଼ାରେ ମୃତ୍ୟୁ ଘଟିଥିବା ଲୋକଙ୍କ ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ସଭ୍ୟମାନେ ଆଲୋଚନାରେ ଭାଗ ନେଇଥିଲେ । ପଡ଼ାରେ ବର୍ତ୍ତମାନ ପାନୀୟ ଜଳର ସମସ୍ୟା ଦେଖାଦେଇଛି । ତେଣୁ ପଡ଼ାରେ ଏକ ଓଭର ଟ୍ୟାଙ୍କ ନିର୍ମାଣ କରାଯିବା ପାଇଁ ଜନ ସ୍ୱାସ୍ଥ୍ୟ ବିଭାଗକୁ ଦାବି କରାଯିବାକୁ ନିଷ୍ପତ୍ତି ହୋଇଛି । ସେହିଭଳି ରାମ ମନ୍ଦିରରେ ଥିବା ଏଟିଏମ୍ କାଉଣ୍ଟର ଦୀର୍ଘ ଦିନ ହେଲା ବନ୍ଦ ପଡ଼ିଛି । ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏସ୍‌ବିଆଇ କର୍ତ୍ତୃପକ୍ଷଙ୍କୁ ଶିଘ୍ର ନିୟମିତ କରିବା ପାଇଁ ପତ୍ରାଳାପ କରିବାକୁ ପ୍ରସ୍ତାବ ଗୃହିତ ହୋଇଥିଲା । ମାଲପଡ଼ାରେ ନୂତନ ଭାବେ ନିର୍ମିତ ହୋଇଥିବା ରାମ ମନ୍ଦିରର ସୌନ୍ଦର୍ଯ୍ୟକରଣ ପାଇଁ ଏକ ହାଇମାଷ୍ଟ ଲାଇଟ ଲଗାଯିବାକୁ ପୌରପାଳିକାକୁ ଅନୁରୋଧ କରିବା ପାଇଁ ମତ ପ୍ରକାଶ ପାଇଛି । ବାବା ମଠ ନିକଟରେ ଅସମାଜିକଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବୃଦ୍ଧି ପାଉଛି । ପାଟ୍ରୋଲିଂ କଡାକଡି ଭାବେ କରାଯିବାକୁ ପୁଲିସକୁ ଦୃଷ୍ଟି ଆକର୍ଷଣ କରାଯିବାକୁ ସ୍ଥିର କରାଯାଇଛି । ଅଟାକଳ ନିକଟ ନାଳ ପୋତି ହୋଇପଡ଼ିଥିବାରୁ ଜଳ ନିଷ୍କାସନ ହୋଇପାରୁ ନାହିଁ । ତେଣୁ ମଶାଙ୍କ ଗନ୍ତାଘର ପାଲଟିଛି । ଲୋକେ ନାନା ରୋଗରେ ଆକ୍ରାନ୍ତ ହେଉଛନ୍ତି । ଏହି ନାଳକୁ ଶିଘ୍ର ନିର୍ମାଣ କରାଯିବା ପାଇଁ ପୌର ପାଳିକାକୁ ପତ୍ରାଳାପ କରିବାକୁ ସ୍ଥିର କରାଯାଇଛି । ଏହି ଆଲୋଚନାରେ ସଭାପତି ଗୋପବନ୍ଧୁ ପୁରୋହିତ ଅଧକ୍ଷତା କରିଥିଲେ । ସଂଘର ଉପ-ସଭାପତି ତରୁଣ ମିଶ୍ର, ସମ୍ପାଦକ ପଞ୍ଚାନନ ସେଠ, କୋଷାଧକ୍ଷ ଦିବାକର ହୋତା, ପଡ଼ାର କାଉନସିଲର ମହେନ୍ଦ୍ର ବାଗ, ପ୍ରଭାକର ମିଶ୍ର, ବିମଳ ଚକ୍ରବର୍ତ୍ତି, ଆକୁଳ ବେହେରା, ଦେବଜ୍ୟୋତି ଯୋଷୀ, ବାସୁଦେବ ନାଗ, ବିଭୁତି ଭୂଷଣ ତ୍ରିପାଠି, ଗଣେଶଚନ୍ଦ୍ର ବେହେରା, ସୁବାସ ଚନ୍ଦ୍ର ପାତ୍ର, ସୂର୍ଯ୍ୟଭାନୁ ମିଶ୍ର, ସୁଶୀଲ ନାୟକ, ନିମାଇଁ ଚରଣ ଦାଶ, ଛବିଲାଲ ବେହେରା, ଅଶୋକ ଚାନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

## କୁଲୁତା ଏକାଡେମୀର ବାର୍ଷିକ ଉତ୍ସବ

ଦେଓଗାଁ, ୮।୨(ସମିସ): କୁଲୁତାପଡ଼ା ପଞ୍ଚାୟତ କୁଲୁତା ଏକାଡେମୀଠାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ସୁଦାମ ଦୀପଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଅତିରିକ୍ତ ଶିକ୍ଷା ଅଧିକାରୀ ଅଜିତ ମିଶ୍ର, ମୁଖ୍ୟବକ୍ତା ଭାବେ ଅଶୋକ ପଧାନ, ସମ୍ମାନୀତ ଅତିଥି ଭାବେ ଡା ଚିନ୍ମୟ ପାଢ଼ୀ, ମନ୍ମଥ ବାରିକ, ସ୍ଥାନୀୟ ସରପଞ୍ଚ ଦୁଷ୍ମନ୍ତ ସାହୁ, ମନୋରଞ୍ଜନ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ । ଶିକ୍ଷକ ଭକ୍ତବନ୍ଧୁ ପୁରୋହିତ ଓ ଜବଦୁ ମେର୍ଲି ପ୍ରମୁଖ ମଞ୍ଚ ପରିଚାଳନା କରିଥଲେ । ସ୍ୱାଧୀନ ମନହିରା ଅତିଥି ପରିଚୟ ପ୍ରଦାନ କରିଥିଲେ । ପାଲେଶ୍ୱର ବାଗ ଧନ୍ୟବାଦ ଅର୍ପଣ କରିଥିଲେ ।

**• ଜରାସିଂହା ନେତ୍ରଭାନୁ ହାଇସ୍କୁଲର ପ୍ଲାଟିନମ ଜୁବୁଲି ଉଦ୍‌ଯାପିତ**

# ସମସ୍ତଙ୍କ ପାଇଁ ସମାନ ଅଧିକାର ରହିବା ଆବଶ୍ୟକ

ଦେଓଗାଁ, ୮।୨(ସମିସ): ଜରାସିଂହା ନେତ୍ରଭାନୁ ହାଇସ୍କୁଲର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ଚାଲିଥିବା ପ୍ଲାଟିନମ ଜୁବୁଲି ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଛି । ପୁରାତନ ଛାତ୍ର ଯଜ୍ଞେଶ୍ୱର ବାବୁଙ୍କ ପରିଚାଳନାରେ ପୁରାତନଛାତ୍ରୀଛାତ୍ରଙ୍କୁ ନେଇ ଏକ ଭାବବିନିମୟ ତଥା ଅତୀତର ସ୍ମୃତିଚାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ କମିଟି ସଭାପତି ଲକ୍ଷ୍ମଣ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ, ଏସ୍‌ପି ନାରାୟଣ ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗ, ପ୍ରଧାନ ଶିକ୍ଷକ ସରୋଜ ଦଣ୍ଡସେନା, ସ୍କୁଲ ପରିଚାଳନା କମିଟି ସଭାପତି ମମତା ସୁନା ପ୍ରମୁଖ ମଞ୍ଚାସୀନ ଥିଲେ । ସମସ୍ତଙ୍କ ପାଇଁ ସମାନ ଅଧିକାର ରହିଲେ ସୁ ସମାଜ ଗଠନ ହୋଇପାରିବ ବୋଲି ଏଥିରେ ମତ ପ୍ରକାଶ ପାଇଛି । ଏହାସହ ଶିକ୍ଷାର ବିକାଶ ପାଇଁ ସମସ୍ତେ ସଂଗଠିତ ହେବା ନିତାନ୍ତ ଆବଶ୍ୟକ ବୋଲି ଅତିଥି କହିଥିଲେ । ଦେଓଗାଁ ବ୍ଲକରେ ଜଳସେଚନ ପାଇଁ ସୋନଗଡ଼ ନଦୀରେ ବ୍ୟାରେଜ ନିର୍ମାଣ ଜରୁରୀ । ଜିଲ୍ଲାର ଏକମାତ୍ର କୃଷିଭିତ୍ତିକ ଶିଳ୍ପ ବିଜୟାନନ୍ଦ ଚିନିକଳର ପୁନଃରୁଦ୍ଧାର ଆବଶ୍ୟକ ବୋଲି ଅତିଥିବୃନ୍ଦ ଗୁରୁତ୍ୱାରୋପ କରିଥିଲେ । ପରିଶେଷରେ କୋଷାଧକ୍ଷ ଚିତ୍ତ ରଞ୍ଜନ ଥନାପତି ଧନ୍ୟବାଦ ଅର୍ପଣ କରିଥିଲେ ।



ଏହି ଅବସରରେ ଶିକ୍ଷାବିତ ଗୋବର୍ଦ୍ଧନ ନାଏକ, ନୂଆଁପଡ଼ା ବିଡିଓ ରୋହିତ ଭୋଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପୁରାତନ ଛାତ୍ର ପ୍ରମୋଦ ମେହେରଙ୍କ ପାଇଁ କରୁଣାକର ମେହେର ସମ୍ବର୍ଦ୍ଧନା ଗ୍ରହଣ କରିଥିଲେ । ସୁନୀଲ ମେହେର, ପ୍ରଦୀପ ତ୍ରିପାଠୀଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ପୁଇଁନ୍ତଲା ମଲମୁଣ୍ଡାର ବଜାଶାଳ, ରାୟଗଡ଼ାର ଢେମସା ନୃତ୍ୟ ମନ ମୋହିଥିଲା । ଲୋଇସିଂହାର ସୁରସଙ୍ଗମ କଳାପରିଷଦ, ଭାଲେରର ସମଲେଶ୍ୱରୀ କଳାପରିଷଦ ଓ ତୁଷୁରାର କୃଷ୍ଣପ୍ରିୟା କଳାପରିଷଦ ଦ୍ୱାରା ପାରମ୍ପାରିକ ଲୋକକଳା ପ୍ରଦର୍ଶିତ ହୋଇଥିଲା । ଉମାଶଙ୍କର ସିଂ, ଅମିତ ତ୍ରିପାଠୀଙ୍କ ସହ ହାଇସ୍କୁଲ ପରିଚାଳନା କମିଟି, ଆଲୁମିନି, ଉତ୍ସବ ପରିଚାଳନା କମିଟି ସହ ଗ୍ରାମବାସୀ ସହଯୋଗ କରିଥିଲେ ।

## ମତ୍ସ୍ୟ, ପ୍ରାଣୀସମ୍ପଦ ଏବଂ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ



ବଲାଙ୍ଗିର, ୮ ।୨(ସମିସ): ବଲାଙ୍ଗିର ଜିଲ୍ଲା ସଦର ମହକୁମାସ୍ଥିତ କୋଶଳ କଳା ମଣ୍ଡଳରେ ୪ ତାରିଖରୁ ଚାଲିଥିବା ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ଏବଂ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ ହୋଇଛି । ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା ଯୋଗ ଦେଇଥିଲେ । କୃଷି ବିଭାଗର ନିର୍ବାହୀ ଯନ୍ତ୍ରୀ ଲସ ମୁର୍ମୁଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା କୃଷି ଅଧିକାରୀ ପ୍ରମୋଦ କୁମାର ବଡପଣ୍ଡା, ଉଦ୍ୟାନ ବିଭାଗ ଉପ ନିର୍ଦ୍ଦେଶକ ସୁଦେଶ ଚୌଧୁରୀ, ମୁଖ୍ୟ ଜିଲ୍ଲା ପଶୁଚିକିତ୍ସା ଅଧିକାରୀ ଡା. ସାରଦା ପ୍ରସାଦ ସିଂ ବରିହା, ଜିଲ୍ଲା ମତ୍ସ୍ୟ ଅଧିକାରୀ ପ୍ରଫୁଲ୍ଲ କହଁର ପ୍ରମୁଖ ଉପସ୍ଥିତ ଥିଲେ । ଆଧୁନିକ ଜ୍ଞାନ କୌଶଳର କୃଷି ଯନ୍ତ୍ରପାତିର ବ୍ୟବହାର ଦ୍ୱାରା ଚାଷୀମାନେ ଚାଷ କ୍ଷେତ୍ରରେ ଉନ୍ନତି କରିପାରିବା ସହ ଅର୍ଥନୀତିରେ ସୁଦୃଢ ହୋଇପାରିବେ । ଏହାସହ ନୂତନ ବୈଷୟିକ ଜ୍ଞାନ କୌଶଳ ଓ କୃଷି ଯନ୍ତ୍ରପାତିର ବ୍ୟବହାର ପୂର୍ବକ ବଲାଙ୍ଗିର ଜିଲ୍ଲାକୁ କୃଷି କ୍ଷେତ୍ରରେ ଅଗ୍ରଣୀ ଜିଲ୍ଲା ଭାବେ ପରିଗଣିତ କରିବାକୁ ଚେଷ୍ଟା କରିବା ପାଇଁ ମୁଖ୍ୟ ଅତିଥି କହିଥିଲେ । ଜିଲ୍ଲା କୃଷି ଅଧିକାରୀ ନିଜ ଅଭିଭାଷଣରେ କୃଷି ଭିତ୍ତିକ ଆଧୁନିକ ଜ୍ଞାନ କୌଶଳ ପ୍ରୟୋଗ ତଥା ପ୍ରୋତ୍ସାହନ କୃଷି କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଉପରେ ଗୁରୁତ୍ୱାରୋପ କରିଥିଲେ ।

# ବିଷ ବାଣ୍ଟୁଛନ୍ତି ଅସାଧୁ ବେପାରୀ

ବଲାଙ୍ଗିର, ୮ ।୨(ସମିସ)



- ହୋଟେଲ ଓ ଫାଷ୍ଟଫୁଡ ଦୋକାନରେ ଖାଦ୍ୟ ମାନକୁ ନେଇ ପ୍ରଶ୍ନ
- ଚେଇଁ ଶୋଇଛି ଖାଦ୍ୟ ନିରାପତ୍ତା ବିଭାଗ
- ନା ଚଢଉ ନା କାର୍ଯ୍ୟାନୁଷ୍ଠାନ ହେଉଛି

ବଲାଙ୍ଗିର ସହର ତଥା ଜିଲ୍ଲାର ଅନ୍ୟ ସହର ଓ ଗାଁରେ ଛତୁ ଫୁଟିଲା ଭଳି ଫାଷ୍ଟଫୁଡ ଦୋକାନ ଓ ହୋଟେଲ ଖୋଲିବାରେ ଲାଗିଛି । ଏହାର ସୁଯୋଗ ନେଇ ବ୍ୟବସାୟୀ ଗ୍ରାହକଙ୍କୁ ରୋଗାଗ୍ରସ୍ତ କରିବା ପାଇଁ ଜାଣିଶୁଣି ଉଦ୍ୟମ ଚଳାଇଥିବା ଅଭିଯୋଗ ହୋଇଛି । ଏହି ଦୋକାନରେ ଖାଦ୍ୟର ସ୍ୱାଦ ବଢ଼ାଇବା ପାଇଁ ବ୍ୟବହାର ହେଉଥିବା ସସ୍ ନିମ୍ନମାନର ବ୍ୟବହାର କରୁଥିବା ବେଳେ ଅନ୍ୟ ଭେଜାଲ ସାମଗ୍ରୀ ମଧ୍ୟ ବ୍ୟବହୃତ ହେଉଥିବା ଅଭିଯୋଗ ହୋଇଛି । ସେହିପରି ଅଧିକ ଟଙ୍କା ଲାଭ ଆଶାରେ ବାସି ଖାଦ୍ୟ ମଧ୍ୟ ପରସା ଯାଉଥିବା ଭଳି ସଙ୍ଗିନ ଅଭିଯୋଗ ହୋଇଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଏ ବିଷୟରେ ସମସ୍ତ ଜାଣି ଚୁପ୍ ଥିବା ବେଳେ ଖାଦ୍ୟ ନିରାପତ୍ତା ବିଭାଗ ମଧ୍ୟ ଚେଇଁ ଶୋଇବା ଅବସ୍ଥାରେ ରହିଛି । ନା ଯାଞ୍ଚ ହେଉଛି ନା କାର୍ଯ୍ୟାନୁଷ୍ଠାନ ।

ବିଗତ କିଛି ବର୍ଷ ହେଲା ଲୋକଙ୍କ ଖାଇବା ରୁଚିରେ ପରିବର୍ତ୍ତନ ଆସିଛି । ବିଶେଷ କରି ଶିଶୁ ଓ ଯୁବପିଢୀ ଫାଷ୍ଟଫୁଡକୁ ଅଧିକ ଭଲ ପାଉଥିବା ଦେଖିବାକୁ ମିଳିଛି । ଯେଉଁଥିପାଇଁ ଆଜିର ଦିନରେ ଗାଁ ଗହଳିରେ ମଧ୍ୟ ଫାଷ୍ଟଫୁଡ ଦୋକାନ ସଂଖ୍ୟା ବଢ଼ିବାରେ ଲାଗିଛି । ଲୋକଙ୍କ ଭିତର ଫାଇଦା ନେଇ ଏବେ ଏହି ଫାଷ୍ଟଫୁଡ ଦୋକାନୀ ଓ ହୋଟେଲ ଗ୍ରାହକଙ୍କ ସ୍ୱାସ୍ଥ୍ୟ ସହ ସାଂଘାତିକ ଖେଳ ଖେଳୁଥିବା ଅଭିଯୋଗ ହୋଇଛି । ଅଧିକ ଟଙ୍କା ଆଶାରେ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଉଥିବା ଅଭିଯୋଗ ହୋଇଛି । ଫାଷ୍ଟଫୁଡରେ ଟମାଟୋ, ଚିଲି ସସ୍ ଅତି ନିକୃଷ୍ଟ ମାନର ବ୍ୟବହାର ହେଉଥିବା ବେଳେ ଏହାକୁ ନିଜେ ବ୍ୟବସାୟୀମାନେ ପ୍ରସ୍ତୁତ କରୁଥିବା ମଧ୍ୟ ଅଭିଯୋଗ ହୋଇଛି । କମ୍ ଦରରେ ବଜାରରୁ କଖାରୁ, ଅମୃତଭଣ୍ଡା କିଣି ଆଣି ସେଥିରେ ବିଭିନ୍ନ ରସାୟନ ଦ୍ରବ୍ୟ, ଭିନେଗାର ପକାଇ ଏହାକୁ ପ୍ରସ୍ତୁତ କରାଯାଉଥିବା ବେଳେ ଏହି ସସ୍ ଲୋକଙ୍କୁ ଖାଇବାକୁ ଦିଆଯାଇଥାଏ । ତେବେ ଫାଷ୍ଟଫୁଡ ଦୋକାନ ଓ ହୋଟେଲରେ ଅନ୍ୟ ଡବାରେ ଭରି ଦିଆଯାଉଥିବାରୁ ତାହା କେଉଁ କମ୍ପାନୀର, ବ୍ୟବହାର ପାଇଁ ନିର୍ଦ୍ଧାରିତ ତାରିଖ ଅଛି ନା ନାହିଁ ଏ ବିଷୟରେ କିଛି ଜଣାପଡୁନାହିଁ । ଏହି ସସ୍‌କୁ ଚାଓମିନ, ମନଚୁରିଆନ, ମୋମୋ ଭଳି ବିଭିନ୍ନ ଫାଷ୍ଟଫୁଡ ଖାଇବାରେ ବ୍ୟବହାର କରାଯାଉଛି । ଏହାକୁ ଖାଇ ଲୋକଙ୍କ ସ୍ୱାସ୍ଥ୍ୟ ଖରାପ ହେବା ସ୍ୱାଭାବିକ । ସେହିପରି ଫାଷ୍ଟଫୁଡ ଓ ହୋଟେଲରେ ବାସି ଖାଦ୍ୟ ମଧ୍ୟ ଦିଆଯାଉଥିବା ଅଭିଯୋଗ ହୋଇଛି । ବିକ୍ରି ନ ହୋଇ ରହିଯାଉଥିବା ସାମଗ୍ରୀକୁ ପୁଣି ତିଆରି କରି ଲୋକଙ୍କୁ ଖାଇବାକୁ ଦିଆଯାଉଥିବା ଦେଖିବାକୁ ମିଳିଛି । ତେବେ ଏନେଇ ଗ୍ରାହକ ଅଭିଯୋଗ କଲେ ମଧ୍ୟ ଦୋକାନୀ ଗୁରୁତ୍ୱ ନ ଦେଇ ଗ୍ରାହକଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରୁଥିବା ମଧ୍ୟ ବିଭିନ୍ନ ସମୟରେ ଅଭିଯୋଗ ହୋଇଛି । ଏହି ନକଲି ଖାଦ୍ୟ ସାମଗ୍ରୀ କାରବାର ଜିଲ୍ଲାର ସମସ୍ତ ବ୍ଲକ, ସହର, ଗାଁରେ ଚାଲିଥିବା ବେଳେ ଲାଭ ପାଇଁ ଦୋକାନୀମାନେ ଲୋକଙ୍କ ସ୍ୱାସ୍ଥ୍ୟ ବିଷୟରେ ଥରେ ଚିନ୍ତା ମଧ୍ୟ କରୁନାହାନ୍ତି । ଲୋକଙ୍କ ଚାହିଦା ସହ ଦୋକାନ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି । ଜିଲ୍ଲାରେ କେତେ ସ୍ଥାୟୀ ଓ ଅସ୍ଥାୟୀ ହୋଟେଲ, ଫାଷ୍ଟଫୁଟ ଦୋକାନ ରହିଛି ସେନେଇ କୌଣସି ତଥ୍ୟ ଖାଦ୍ୟ ନିରାପତ୍ତା ବିଭାଗ ପାଖରେ ମଧ୍ୟ ନ ଥିବା ଜଣାପଡ଼ିଛି । ଅନ୍ୟପକ୍ଷରେ ଏହି ସବୁ ଭେଜାଲ ଖାଦ୍ୟର ଯାଞ୍ଚ ଖାଦ୍ୟ ନିରାପତ୍ତା ବିଭାଗ କରିବା କଥା; କିନ୍ତୁ ଗତ କିଛି ବର୍ଷ ଭିତରେ କାଁ ଭାଁ ଛାଡିଦେଲେ ବଲାଙ୍ଗିର ଜିଲ୍ଲାରେ ଏହିଭଳି ଭେଜାଲ, ବାସି ଖାଦ୍ୟ ବିରୋଧରେ କୌଣସି ଯାଞ୍ଚ ହୋଇନାହିଁ କି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ଏଦିଗରେ ଜିଲ୍ଲା ପ୍ରଶାସନ ଆଦୌ ଦୃଷ୍ଟି ଦେଉନି । ଫାଷ୍ଟଫୁଡ ଓ ହୋଟେଲରେ ଚଢଉ କରା ଯାଉନି । ଲୋକଙ୍କ ଜୀବନ ସହ ଖେଳୁଥିବା ଲାଭଖୋର ଦୋକାନୀଙ୍କ ବିରୋଧରେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପଛଘୁଞ୍ଚା ଦେଉଛି ।

**• ସ୍ୱାମୀ ବିବେକାନନ୍ଦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ**

# କେନ୍ଦୁମୁଣ୍ଡିକୁ ହରାଇ ଭୂଇଁସଲାଡ଼ ବିଜୟୀ



ମୁରିବାହାଲ, ୮ ।୨(ସମିସ): ମୁରିବାହାଲ ବ୍ଲକ ସିରୋଲ ପଞ୍ଚାୟତ ବେଲପଦର ଗ୍ରାମରେ ୮ମ ସ୍ୱାମୀ ବିବେକାନନ୍ଦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ମ୍ୟାଚ କେନ୍ଦୁମୁଣ୍ଡି ଓ ଭୂଇଁସଲାଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । କେନ୍ଦୁମୁଣ୍ଡି ଟସ୍ ଜିତି ପ୍ରଥମେ ଫିଲ୍ଡିଂ କରିଥିଲା । ନିର୍ଦ୍ଧାରିତ ୧୦ ଓଭରରେ ଭୂଇଁସଲାଡ ଦଳ ୧୨୪ ରନ୍ ସଂଗ୍ରହ କରିଥିଲା । କେନ୍ଦୁମୁଣ୍ଡି ଦଳ ୮୭ ରନ୍ ସଂଗ୍ରହ କରି ଅଲଆଉଟ ହୋଇଯାଇଥିଲା । ଭୂଇଁସଲାଡ ଦଳ ପ୍ରଥମ ଦିନ ଖେଳରେ ୩୭ ରନ୍‌ରେ ବିଜୟୀ ହୋଇଥିଲା । ଉଦ୍‌ଘାଟନୀ ମ୍ୟାଚରେ ଲମ୍ବୋଦର ବର୍ଗର୍ତ୍ତୀ, ହୁତାସେନ ବାଗ, ସଭାପତି ପିଣ୍ଟୁ ଦୀପ, ସମୀର ନାଗ, ଗଦିନ୍ଦ୍ର ମାଝୀ, ଭୁବନ ମାଝୀ, ରୋହିତ ପୁଟେଲ, ବିରଞ୍ଚି ଦୀପ, ମାଧବ ବାଗ, ପଞ୍ଚା ମାଝୀ, ଜଗା ପୋଢ଼, ଆଶିଷ ଦୀପ, ଅରୁଣ ବନଛୋର, ଦେବ ପୁଟେଲ, ତନ୍ମୟ ଚନ୍ଦନ, ଦୀନବନ୍ଧୁ ପୁଟେଲ, ଈଶ୍ୱର ମାଝୀ ପ୍ରମୁଖ ଯୋଗ ଦେଇଥିଲେ ।

# ବ୍ଲକ୍ ଓ ଏନ୍ଏସି ପ୍ରତିନିଧିଙ୍କ ସ୍ୱୀକୃତି ବାତିଲ କଲେ ସାଂସଦ

ଶଗଡ଼ା, ୮ ।୨(ସମିସ)

କନ୍ଧମାଳ ସାଂସଦଙ୍କ ବୌଦ୍ଧ ଜିଲ୍ଲାରେ କାର୍ଯ୍ୟରତ ୩ ବ୍ଲକ ପ୍ରତିନିଧି ଓ ଜଣେ ଏନଏସି ପ୍ରତିନିଧିଙ୍କ ସ୍ୱୀକୃତି ବାତିଲ ହେବ। ଏ ନେଇ ଜିଲ୍ଲାପାଳଙ୍କୁ ସାଂସଦ ଏକ ଚିଠି ମାଧ୍ୟମରେ ଅବଗତ କରିଛନ୍ତି।

କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ତାଙ୍କ କଣ୍ଟାମାଳ ବ୍ଲକ ପ୍ରତିନିଧି ଦୀପକ ବାରିକ, ବୌଦ୍ଧ ପ୍ରତିନିଧି ସରୋଜ ମେହେରଙ୍କ ସମେତ ହରଭଙ୍ଗା ବ୍ଲକ ଓ ବୌଦ୍ଧ ଏନଏସି ପ୍ରତିନିଧିଙ୍କୁ କାର୍ଯ୍ୟରୁ ଅନ୍ତର କରିଛନ୍ତି। ଏ ନେଇ ସାଂସଦ ଶ୍ରୀ ପାଣିଗ୍ରାହୀ ଏକ ପତ୍ର ମାଧ୍ୟମରେ ବୌଦ୍ଧ ଜିଲ୍ଲାପାଳଙ୍କୁ ଅବଗତ କରିଛନ୍ତି। ଜିଲ୍ଲା, ବ୍ଲକ ଏବଂ ପୌରପାଳିକାସ୍ତରୀୟ ବୈଠକ ଡକାଯିବା ପୂର୍ବରୁ ନୂତନ ପ୍ରତିନିଧିଙ୍କ ନାମ ବ୍ୟକ୍ତିଗତ ଭାବେ ଜଣାଇ ଦିଆଯିବ। ଯେ ପର୍ଯ୍ୟନ୍ତ ଏପରି ଯୋଗାଯୋଗ କରା ନ ଯାଇଛି କୌଣସି ବ୍ୟକ୍ତିଙ୍କୁ ତାଙ୍କ ଅଧିକୃତ ପ୍ରତିନିଧି ଭାବେ ବ୍ୟବହାର କରାଯିବ ନାହିଁ କିମ୍ବା କାର୍ଯ୍ୟ କରିବାକୁ ଅନୁମତି ଦିଆଯିବ ନାହିଁ ବୋଲି ସାଂସଦ ପତ୍ରରେ ସ୍ପଷ୍ଟ ଉଲ୍ଲେଖ କରିଛନ୍ତି। ଜିଲ୍ଲାର ସମସ୍ତ ଅଧିକାରୀଙ୍କୁ କୌଣସି ବୈଠକ ଆୟୋଜନ କରିବାର ୭ଦିନ ପୂର୍ବରୁ ଜଣାଇବାକୁ ଚିଠିରେ ସେ ଉଲ୍ଲେଖ କରିଛନ୍ତି।

ତେବେ ପରେ ଆଉ ଏକ ଚିଠି ମଧ୍ୟ ଭାଇରାଲ ହୋଇଛି। ଜିଲ୍ଲାର ସମସ୍ତ ବ୍ଲକ ସହ ଏନଏସିରେ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଭାବେ ଯୁଗଳ କିଶୋର ସାମଲଙ୍କୁ ଯୋଗାଯୋଗ କରିବାକୁ ବୌଦ୍ଧ ଜିଲ୍ଲାପାଳଙ୍କୁ ଚିଠି ମାଧ୍ୟମରେ ଅବଗତ କରା ଯାଇଛି। ତେବେ ସବୁଠାରୁ ଆଶ୍ଚର୍ଯ୍ୟ କଥା ଯେ ଜିଲ୍ଲାର ସମସ୍ତ ବ୍ଲକ ଓ ପୌରପାଳିକା ପ୍ରତିନିଧିଙ୍କୁ କାର୍ଯ୍ୟରୁ ଅନ୍ତର କରିବା ପଛର କାରଣ କ'ଣ ହୋଇଥାଏ ପାରେ ବୋଲି ଜିଲ୍ଲା ରାଜନୀତିରେ ଆଲୋଚନା ଓ ଚର୍ଚ୍ଚା ଲାଗି ରହିଛି। ଆଗକୁ ଆସୁଥିବା ପଞ୍ଚାୟତ ନିର୍ବାଚନକୁ ଆଖି ଆଗରେ ରଖି ସାଂସଦ ଏଭଳି ନିଷ୍ପତ୍ତି ନେଇଛନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି। ଘଟଣା ସମ୍ପର୍କରେ ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କୁ ପଚାରିବାରୁ ଘଟଣାକୁ ସେ ସିଧାସଳଖ ସ୍ୱୀକାର କରି ନ ଥିଲେ ମଧ୍ୟ ପରୋକ୍ଷରେ ସତ ହୋଇଥାଏ ପାରେ ବୋଲି କହିଥିଲେ।


SUKANTA KUMAR PANIGRAHI
Member of Parliament
(Lok Sabha)
Kandhamal, Odisha

Member :
Standing Committee :
• Agriculture, Animal Husbandry & Food Processing
Consultative Committee :
• Coal & Mines
• SAI (Sports Authority of India)

502, Koshi, BKS Marg,
New Delhi-110 001
Mobile : 9437873717, 8249332086
Email : sukanta7panigrahi@gmail.com
skpanigrahi.od@sansad.nic.in

Letter No.88/2026
Date :-29/01/2026

To

The Collector and District Magistrate, Boudh

Subject: Cancellation of authorization given to Block and NAC Representatives

Dear Sir,

With reference to the above cited subject, I would like to inform you that the authorization of all existing Block and Municipality Representatives appointed by me for Boudh District, stands cancelled with immediate effect.

Further, it is to inform you that the names of my new representatives, if any, shall be communicated to you individually before the District, Block and Municipality level meetings are convened, whenever necessary. Until such communication is made, no person shall be treated or allowed to act as my authorized representative.

You are requested to take note of the above and to instruct all Officers concerned to intimate me, the dates before seven days of the dates of different meetings, to enable me to sponsor the names of my representatives for the same. Necessary compliance of the above by all officers please be ensured.

Thanking you,

Yours Sincerely,

(Sukanta Kumar Panigrahi)

# ଜଳ ଅର୍ପଣ ଦିବସ ଉପଲକ୍ଷେ ପ୍ରସ୍ତୁତି ବୈଠକ

ବୌଦ୍ଧ, ୮ ।୨(ସମିସ): ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜଳ ଅର୍ପଣ ଦିବସ ଉପଲକ୍ଷେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଫେବୃଆରୀ ୧୦ ତାରିଖ ଖୁଣ୍ଟବନ୍ଧରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଜଳ ଅର୍ପଣ ଦିବସ ଅନୁଷ୍ଠିତ ହେବ। ଏହି ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପ ଜିଲ୍ଲାପାଳ ବିନୟ ଭୋଇ, ଅଧିକ୍ଷଣ ଯନ୍ତ୍ରୀ ଅଜିତ ବେହେରା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସାଗରିକା ଦତ୍ତ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିୟାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁ

ଶଗଡ଼ା, ୮ ।୨(ସମିସ): ମନମୁଣ୍ଡା ଥାନା ସାନ ଝାଙ୍କରପାଲିରେ ଅଟୋ-ବାଇକ୍ ଧକ୍କାରେ ଆହତ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମନମୁଣ୍ଡା ଥାନା ଘରେଲମୁଣ୍ଡା ଗ୍ରାମର ବୈକୁଣ୍ଠ ବେହେରା (୫୪)। ବରଗୋଚ୍ଛା ପଟରୁ ଏକ ଅଟୋ ପାଲଝିର ଅଭିମୁଖେ ଯାଉଥିଲା। ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍‌କୁ ଅଟୋଟି ଧକ୍କା ଦେଇ ପଳାଇଥିଲା। ବାଇକ୍‌ରେ ଥିବା ବୈକୁଣ୍ଠ ଏବଂ ବାଉଁଶୁଣି ଥାନା ମନକାମନ ଗ୍ରାମର ମନୋଜ ପ୍ରଧାନ ଗୁରୁତର ହୋଇଥିଲେ। ଜଣକ ଗୋଡ ଆଣ୍ଠୁରୁ ତଳକୁ ଛିଣ୍ଡି ଯାଇଥଲା। ଅନ୍ୟ ଜଣକର ଗୋଡ଼ ଭାଙ୍ଗି ଯାଇଥଲା। ସ୍ଥାନୀୟ ଲୋକ ଉଭୟଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ଘଣ୍ଟାଏ ପରେ ମଧ୍ୟ ଆମ୍ବୁଲାନ୍ସ ଆସି ନ ଥିଲା। ଖବର ପାଇ ପୁଲିସ ପହଞ୍ଚି ତୁରନ୍ତ ଉଭୟଙ୍କୁ ମନମୁଣ୍ଡା ଡାକ୍ତରଖାନା ନେଇଥିଲେ। ମନମୁଣ୍ଡାରେ ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ସୋନପୁର ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ବୈକୁଣ୍ଠଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଛି। ମନୋଜ ଚିକିତ୍ସାଧୀନ ଅଛନ୍ତି।

# ବ୍ୟବଚ୍ଛେଦ ପରେ ଟ୍ରକ୍ ଚାଳକଙ୍କ ମୃତଦେହ ହସ୍ତାନ୍ତର

ବୌଦ୍ଧ, ୮ ।୨(ସମିସ): ବୌଦ୍ଧ ମହାନଦୀ ବ୍ରିଜ ଛକ ନିକଟରୁ ଶନିବାର ପୁଲିସ ଏକ ଟ୍ରକ୍‌ରୁ ଉଦ୍ଧାର କରିଥିବା ଚାଳକଙ୍କ ମୃତଦେହକୁ ତାଙ୍କ ପରିବାର ଜିମା ଦେଇଛି। ମୃତ ଟ୍ରକ୍ ଚାଳକ ଜଣକ ଖୋର୍ଦ୍ଧା ଜିଲ୍ଲା କେରଙ୍ଗର ଆସକ୍ ମହମ୍ମଦ। ସେ ସାମଗ୍ରୀ ନେଇ ଭୁବନେଶ୍ୱରରୁ ଉମରକୋଟ ଯାଉଥିଲେ। ବାଟରେ ଅସୁସ୍ଥ ଅନୁଭବ କରିବାରୁ ଟ୍ରକ୍‌କୁ ବୌଦ୍ଧ ମହାନଦୀ ବ୍ରିଜ ଛକ ନିକଟରେ ରଖି ଦେଇଥିଲେ। ଏହାପରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୀର୍ଘ ସମୟ ପରେ ଖବର ପାଇ ଅଗ୍ନିଶମ ବାହିନୀ ସହାୟତାରେ ପୁଲିସ ମୃତଦେହ ଉଦ୍ଧାର କରିଥିଲା। ସନ୍ଧ୍ୟା ହୋଇ ଯାଇଥିବାରୁ ବୌଦ୍ଧ ଡାକ୍ତରଖାନା ଶବାଗାରରେ ସଂରକ୍ଷିତ ରଖାଯାଇଥିଲା। ଖବର ପାଇ ପରିବାର ଲୋକେ ପହଞ୍ଚିଥିଲେ। ରବିବାର ବ୍ୟବଚ୍ଛେଦ କରାଇ ପୁଲିସ ତାଙ୍କ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛି।

# ବାଳାଶ୍ରମରେ ଜନ୍ମଦିନ ପାଳିଲେ ଜିଲ୍ଲାପାଳ



ବୌଦ୍ଧ, ୮ ।୨(ସମିସ): ବୌଦ୍ଧ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ବୀରନରସିଂହପୁର ବାଳାଶ୍ରମ ଅନ୍ତେବାସୀଙ୍କ ସହ ନିଜ ଜନ୍ମଦିନ ପାଳନ କରିଛନ୍ତି। ସେମାନଙ୍କ ସହ ସେ କେକ୍ କାଟି ଚକଲେଟ୍ ବାଣ୍ଟିଥିଲେ। ପିଲାଙ୍କ ଗହଣରେ ନିଜେ ବସି ମଧ୍ୟାହ୍ନ ଭୋଜନ କରିବା ସହ ସେମାନଙ୍କ ଭଲମନ୍ଦ ପଚାରି ବୁଝିଥିଲେ।

# ଲକ୍ଷ୍ମୀପ୍ରସାଦରେ ପଞ୍ଚାୟତସ୍ତରୀୟ କିଶୋରୀ ମେଳା

ଜହ୍ନାପଙ୍କ, ୮ ।୨(ସମିସ): ବୌଦ୍ଧ ଜିଲ୍ଲା ଲକ୍ଷ୍ମୀପ୍ରସାଦ ଶାନ୍ତି କମିଟି ହଲ୍‌ରେ କିଶୋରୀ ମେଳା ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ଜିଲ୍ଲା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଦ୍ୱାରା ଆୟୋଜିତ ଏହି କିଶୋରୀ ମେଳାରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ସିଡିପିଓ ୱାଇଦା ବେଗମ, ସମ୍ମାନିତ ଅତିଥି ଭାବେ କ୍ଷେତ୍ର ପରିଦର୍ଶିକା ସୁଶ୍ରୀ ଶୁଭସ୍ମିତା ପଣ୍ଡା, ଲକ୍ଷ୍ମୀପ୍ରସାଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଅନନ୍ତି ଭୋଇ, ଏଏନଏମ ସାଗରିକା ନାଏକ, ସିଆରପି ଅଞ୍ଜଳି ମେହେର, ୱାର୍ଡ ସଭ୍ୟ ସାମ୍ବାରୁ ମେହେର ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ବାଲ୍ୟ ବିବାହ ନିରାକରଣ, ସ୍ୱାସ୍ଥ୍ୟ ପରୀକ୍ଷା, ଓଜନ, ଉଚ୍ଚତା, ମାପ ଏବଂ ରକ୍ତହୀନତା ପରୀକ୍ଷା, କିଶୋରୀ ବାଳିକାଙ୍କ ନିମନ୍ତେ ସରକାରୀ ଯୋଜନା ଉପରେ ଆଲୋଚନା ହୋଇଥିଲା। ତାସହ ପୋଷଣ ଏବଂ ରକ୍ତହୀନତା, ପ୍ରତେକ ଶନିବାର ଆଇରନ ବଟିକା ଖାଇବା ସହ ସ୍ୱଚ୍ଛତା ରହିବା ଉପରେ ଆଲୋଚନା ହୋଇଥିଲା। କିଶୋରୀମାନେ କିପରି ସୁରକ୍ଷା ଏବଂ ଆଇନ ଉପରେ



ଜାଣିବେ ସେ ନେଇ ଆଲୋଚନା କରାଯାଇଥିଲା। ଏଥିରେ ଲକ୍ଷ୍ମୀପ୍ରସାଦ ପଞ୍ଚାୟତର ସମସ୍ତ ଅଙ୍ଗନବାଡି କର୍ମୀ, ଆଶା କର୍ମୀ କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ମତ୍ସ୍ୟଚାଷ ତାଲିମ ଶିବିର ଉଦ୍‌ଯାପିତ



ବୌଦ୍ଧ, ୮ ।୨(ସମିସ): ବୌଦ୍ଧ ବ୍ଲକ ତେଲିବନ୍ଧ ପଞ୍ଚାୟତ ପୋଡ଼ାବଳସ ଗୋଷ୍ଠୀ କେନ୍ଦ୍ରରେ ରାଷ୍ଟ୍ରୀୟ ମତ୍ସ୍ୟ ବିକାଶ ବୋର୍ଡ ଓ ଗନ୍ଧରାଡି ଏଫ୍‌ପିଓର ମିଳିତ ଆନୁକୂଲ୍ୟରେ ୩ ଦିନ ଧରି ଚାଲିଥିବା ବୌଦ୍ଧ ବ୍ଲକସ୍ତରୀୟ ମତ୍ସ୍ୟ ଚାଷ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ରେଶ୍ମା ନାଏକ, ରଞ୍ଜନ ଭୋକ୍ତା, ବିଶିକେଶନ ପ୍ରଧାନ, ଗଜେନ୍ଦ୍ର ବାରିକ, ସହକାରୀ ମତ୍ସ୍ୟ ଅଧିକାରୀ ବିଶ୍ୱନାଥ ଜେନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଆସ୍ମାନ ମହାକୁଡ ଧନ୍ୟବାଦ୍ ଅର୍ପଣ କରିଥିଲେ। ୪୦ ଜଣ ମତ୍ସ୍ୟ ଚାଷୀ ତାଲିମ ନେଇଥିଲେ।

# ସାମ୍ବାଦିକ ସଂଘ ପକ୍ଷରୁ ନୂତନ ବିଡିଓଙ୍କୁ ସମ୍ବର୍ଦ୍ଧନା

ଡୁଙ୍ଗୁରିପାଲି, ୮।୨(ସମିସ): ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକର ନୂତନ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ) ଭାବେ



କାର୍ଯ୍ୟଭାର ଗ୍ରହଣ କରିଥିବା ସଞ୍ଜିବ କୁମାର ସାହୁଙ୍କୁ ଡୁଙ୍ଗୁରିପାଲି ବ୍ଲକ ସାମ୍ବାଦିକ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସାମ୍ବାଦିକ ସଂଘର ସମ୍ପାଦକ ମୁକେଶ କୁମାର ଭୋଇଙ୍କ ନେତୃତ୍ୱରେ ସଂଘର ସଦସ୍ୟମାନେ ବିଡ଼ିଓ ଶ୍ରୀ ସାହୁଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ। ଏହି ଅବସରରେ ସଭାପତି ପଦ୍ମବାଗ୍ ଯାଦବଙ୍କ ସମେତ ବରିଷ୍ଠ ସାମ୍ବାଦିକ ଚୌବର୍ଗ ଭୋଇ, ସୁଦାମ ସାହୁ, ଗୋପାଳ ମାଝୀ, ଉମାକାନ୍ତ ବାଗ, କୃଷ୍ଣ ବାଗ ପ୍ରମୁଖ ଉପସ୍ଥିତ ରହି ବ୍ଲକର ବିଭିନ୍ନ ସମସ୍ୟା ଓ ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ସାମ୍ବାଦିକ ସଂଘ ବ୍ୟତୀତ ସ୍ଥାନୀୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ସେବା ଫାଉଣ୍ଡେସନ ସମେତ ଅନ୍ୟାନ୍ୟ ସାମାଜିକ ଅନୁଷ୍ଠାନ ପକ୍ଷରୁ ମଧ୍ୟ ଶ୍ରୀ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବ୍ଲକର ବିକାଶ ଧାରାକୁ ତ୍ୱରାନ୍ୱିତ କରିବା ପାଇଁ ସମସ୍ତ ଅନୁଷ୍ଠାନ ପକ୍ଷରୁ ସହଯୋଗର ପ୍ରତିଶ୍ରୁତି ଦିଆଯାଇଛି।

# ବୀରମହାରାଜପୁରରେ ହିନ୍ଦୁ ସମ୍ମିଳନୀ

ବୀରମହାରାଜପୁର, ୮।୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ତହସିଲ ପଡ଼ିଆଠାରେ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ହିନ୍ଦୁ ସମାଜ ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ଅକ୍ଷୟ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଦୟାନିଧି ହୋତା ମୁଖ୍ୟ ଅତିଥି ଭାବରେ



ଯୋଗଦେଇଥିଲେ। ସୁଶ୍ରୀ ବୈଷ୍ଣବୀ ହିନ୍ଦୁ ଏକତା ଉପରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବରେ ବିଶ୍ୱ ହିନ୍ଦୁ ପରିଷଦ ପ୍ରାନ୍ତ ସହ ସଂଯୋଜିକା ସରସ୍ୱତୀ ନନ୍ଦ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶତାଧିକ ହିନ୍ଦୁ ଭାଇ ଭଉଣୀ ଯୋଗଦେଇଥିଲେ। ଗାୟତ୍ରୀ ପରିବାର ପକ୍ଷରୁ ଦୀପ ଯଜ୍ଞ ଅନୁଷ୍ଠିତ ହୋଇଥିଲା।

# ପିଏମ୍‌ଶ୍ରୀ ସୁବଳୟା ହାଇସ୍କୁଲରେ ବିଜ୍ଞାନ ଓ ଗଣିତ ପ୍ରଦର୍ଶନୀ




ବୀରମହାରାଜପୁର, ୮ ।୨(ସମିସ): ସୁବଳୟା ପିଏମ୍‌ଶ୍ରୀ ହାଇସ୍କୁଲ ବିଜ୍ଞାନ ଓ ଗଣିତ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ପ୍ରଦର୍ଶନୀରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ୬୪ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପ୍ରଧାନଶିକ୍ଷକ ସ୍ୱର୍ଣ୍ଣଲତା ବେହେରାଙ୍କ ନେତୃତ୍ୱରେ ଏହା ସମ୍ପନ୍ନ ହୋଇଥିଲା। ବିଏମ୍‌ପୁର ହାଇସ୍କୁଲର ସଦାନନ୍ଦ ପଣ୍ଡା, କୁଶଳେଶ୍ୱର ପିଏମ୍‌ଶ୍ରୀ ହାଇସ୍କୁଲର ଚକନାୟନ ମେହେର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପ୍ରତିମା ବାଗ୍, ସଦାନନ୍ଦ ରଥ, ଅଜିତ ଗର୍ଡ଼ିଆ, ସମ୍ପା ବିଶ୍ୱାଳ, ସୌମ୍ୟ ରଞ୍ଜନ ମେହେର, ସୁରେନ୍ଦ୍ର ପ୍ରସାଦ ପାଢ଼ୀ ପ୍ରମୁଖ ସହଯୋଗ କରିଥିଲେ।

# ପ୍ଲାଟିନମ୍ ଜୁବୁଲି ଉତ୍ସବ ଉଦ୍‌ଯାପିତ

ହରଭଙ୍ଗା, ୮ ।୨(ସମିସ): ଛତ୍ରଙ୍ଗ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୭୫ ବର୍ଷ ପୂର୍ତ୍ତି ଅବସରରେ ଦୁଇଦିନିଆ ପ୍ଲାଟିନମ୍ ଜୁବୁଲି ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ହାଡିବନ୍ଧୁ ବେହେରା ବୁଦ୍ଧଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବୌଦ୍ଧ ଜିଲ୍ଲା ପରିଷଦ ଅଧ୍ୟକ୍ଷା ପ୍ରଭାସିନୀ ଦାସ, ସହ




ଗୋଷ୍ଠୀ ଶିକ୍ଷା ଅଧିକାରୀ ଭୁବନେଶ୍ୱର ସେଠୀ, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ତ୍ତିକେଶ୍ୱର ନାୟକ, ଓମଫେଡର ସୋନପୁର-ବୌଦ୍ଧ ଜିଲ୍ଲା ଜେନରାଲ ମ୍ୟାନେଜେର ବିଷ୍ଣୁ ଚରଣ ପ୍ରଧାନ, ପ୍ଲାଟିନମ ଜୁବୁଲିର ସଭାପତି ପ୍ରଦୀପ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଘାସିରାମ ରାଉତ, ଛତରଙ୍ଗ ସରପଞ୍ଚ ବିନୋଦିନୀ ପ୍ରଧାନ, ଛତରଙ୍ଗ ସମିତି ସଭ୍ୟା କମଳିନୀ ବଘାର, ବିଦ୍ୟାଳୟର ପ୍ରଧାଶିକ୍ଷକ ଜିତେନ୍ଦ୍ର ପ୍ରଧାନ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ।

# ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ



ବୌଦ୍ଧ, ୮ ।୨(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ସରସରା ପିଏମ ଶ୍ରୀ ନୋଡାଲ ହାଇସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ହରି ନାଏକ, ଜଗବନ୍ଧୁ ପାତ୍ର, ଗ୍ରାମ୍ୟ କମିଟି ସମ୍ପାଦକ ସୁଧୀର ନାଏକ, ପଞ୍ଚ ସଖା ଶିକ୍ଷା ସେତୁ କମିଟି ସଭାପତି ଜୟାନନ୍ଦ ମିଶ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିନୋଦ ପ୍ରଧାନ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ।

# ଖୁଣ୍ଟିଗୋରାରେ ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ



ବୌଦ୍ଧ, ୮ ।୨(ସମିସ): କଣ୍ଟାମାଳ ବ୍ଲକ ଖୁଣ୍ଟିଗୋରା ପଞ୍ଚାୟତ କାର୍ଯ୍ୟାଳୟରେ ଶ୍ରୀ ଅନ୍ନ ଅଭିଯାନରେ ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ ହୋଇଛି।

ଏହି କାର୍ଯ୍ୟକ୍ରମରେ ବୌଦ୍ଧ ଜିଲ୍ଲା ଶ୍ରୀଅନ୍ନ ଅଭିଯାନ ଜିଲ୍ଲା ସଂଯୋଜକ ଜିତେନ୍ଦ୍ର କର୍ଜି, ଟିଡିସିସି ବାଲିଗୁଡାର ସହ ଜିଲ୍ଲା ପରିଚାଳକ କିରଣ ନାୟକ, କଣ୍ଟାମାଳ ୱାଇସିଡିଏର ପ୍ରୋଗ୍ରାମ ମ୍ୟାନେଜର ପୂର୍ଣ୍ଣଚନ୍ଦ୍ର ଖଟୁଆ, ଶ୍ରୀଅନ୍ନ ଅଭିଯାନ କଣ୍ଟାମାଳ ବ୍ଲକ ସଂଯୋଜକ ଶୁଭ୍ରାଂଶୁ ସାହୁ, ସହ ବ୍ଲକ ସଂଯୋଜକ ଅନିଲ ବେହେରା ଏବଂ ଶ୍ରୀଅନ୍ନ ଅଭିଯାନ କଣ୍ଟାମାଳର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଉମା ଏବଂ ଖୁଣ୍ଟିଗୋରା ପଞ୍ଚାୟତର ପ୍ରାୟ ୪୩ ଜଣ ଚାଷୀ ମାଣ୍ଡିଆ ବିକ୍ରି ପାଇଁ ଆଣିଥିଲେ।

# ସରସ୍ୱତୀ ଶିଶୁ ମନ୍ଦିରରେ ରକ୍ତଦାନ ଶିବିର

ଜହ୍ନାପଙ୍କ, ୮ ।୨(ସମିସ): ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଜହ୍ନାପଙ୍କ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବୌଦ୍ଧ ଜିଲ୍ଲା ଔଷଧ ବ୍ୟବସାୟୀ ସଂଘ ଓ ମାରୁତି ଯୁବକ ସଂଘ ପକ୍ଷରୁ ରକ୍ତଦାନ ଶିବିର




ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସମୁଦାୟ ୪୩ ଜଣ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ବିଧାୟକ ସରୋଜ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଜହ୍ନାପଙ୍କ ଫାଣ୍ଡି ଅଧିକାରୀ ବ୍ରହ୍ମାନନ୍ଦ ପ୍ରଧାନ, ବୌଦ୍ଧ ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ମନୋରଞ୍ଜନ ପୁରୋହିତ, ଧର୍ମୁଧର ପୋଢ଼, ତେଲିବନ୍ଧ ପେକ୍ସ ସଭାପତି ତ୍ରିପୁର ମହାକୁଡ ଯୋଗ ଦେଇଥିଲେ। ଶିବିରକୁ ଜହ୍ନାପଙ୍କ ମେଡିକାଲ ଅଫସର ଡ. ଦିବ୍ୟଲୋଚନ ମେହେର, ଲବୋରେଟୋରି ଟେକ୍ନିସିଆନ ଦିଲ୍ଲୀପ ଭୋଇ, ସୁଧୀର ଦେହୁରୀ, ନର୍ସିଂ ଅଫିସର ଯୁଦା ଶବର, ସବିତା କୁଜୁର, ପରାମର୍ଶଦାତା ବନୋଜ ପ୍ରଧାନ, ସହାୟକ ସୁରଜ ଭୋକ୍ତା ପରିଚାଳନା କରିଥିଲେ। ଜିଲ୍ଲା ଔଷଧ ବ୍ୟବସାୟୀ ସଂଘର ସଭାପତି ଗିରିଧାରୀଲାଲ ଅଗ୍ରୱାଲ, ସମ୍ପାଦକ ପ୍ରାଣବନ୍ଧୁ ପ୍ରଧାନ, ସୁନିତ ସାହୁ, ସତରାମ ଜେନା, ସଞ୍ଜୀବ ପ୍ରଧାନ, ରଞ୍ଜନ ସାହୁ, ଅମ୍ଳାନ ଜ୍ୟୋତି ଦାସ, ସିଦ୍ଧେଶ୍ୱର ଅଗ୍ରୱାଲ, ନରେଶ ସେଠୀ, ରଞ୍ଜନ ପ୍ରଧାନ, ଅଶୋକ ସାହୁ, ମାରୁତି ଯୁବକ ସଂଘର ସମ୍ପାଦକ ଜଗଦୀଶ ବାରିକ, ସୁଶାନ୍ତ ମେହେର, ସୁଶାନ୍ତ ଭୋଇ, ମଦନ ପ୍ରଧାନ, ପ୍ରଦୀପ ପ୍ରଧାନ ସହଯୋଗ କରିଥିଲେ।

# ପାଣ ସମାଜର ବାର୍ଷିକ ବୈଠକ



ବୌଦ୍ଧ, ୮ ।୨(ସମିସ): ବୌଦ୍ଧ ବ୍ଲକ ଟିକରପଡ଼ା ପଞ୍ଚାୟତ ବୁରଗୋରା ସମାଜ ଗୃହ ପ୍ରାଙ୍ଗଣରେ ପାଣ ସମାଜର ପଞ୍ଚାୟତସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଫଗୁ ରଣବିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜାତିଆଣ ବିଷୟ ଉପରେ ଆଲୋଚନା ହୋଇଥିଲା। ପ୍ରାରମ୍ଭରେ ସମ୍ପାଦକ ସୀମାଞ୍ଚଳ ବେହେରା ସମସ୍ତଙ୍କୁ ସ୍ୱାଗତ କରିଥିଲେ। ବୈଠକରେ ଉପ ସଭାପତି ସାଧବ ସୁନା, ଯତ୍ନ ଦୀପ, ପରିଚାଳନା କମିଟି ସଦସ୍ୟ ବରୁଣ ଶାହାନୀ ପ୍ରମୁଖ ଯୋଗ ଦେଇଥିଲେ।

# କୁଣ୍ଡାମାଳ ନୋଡାଲ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଓ ବାର୍ଷିକ ଉତ୍ସବ

କଣ୍ଟାମାଳ, ୮ ।୨(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲସାଗୋରା ପଞ୍ଚାୟତ ଅଧୀନ କୁଣ୍ଡାମାଳ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ବାର୍ଷିକ କ୍ରୀଡା ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା



ଅଧିକାରୀ ଅଶୋଭ ରଞ୍ଜନ ମାଳୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସଦାଶିବ ପାଢ଼ୀ, ଗାଁ ମୁଖିଆ ପୂର୍ଣ୍ଣାନନ୍ଦ ସାହୁ, ସିଆରସିସି ହୃଦାନନ୍ଦ ଦନ୍ତା ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରଧାନ ଶିକ୍ଷକ ବଳଭଦ୍ର ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ବିଦ୍ୟୁତ୍‌ଲତା ସାହୁ, ବୁଦ୍ଧଦେବ ରଣା, ସୁଧାଂଶୁ ରାଉତ, ତ୍ରିଜିବ ପ୍ରହରାଜ, ପ୍ରଭାତ ଖମାରୀ, ଉମାକାନ୍ତ ପଣ୍ଡା, ଗୀତାଞ୍ଜଳି ସାହୁ, ସ୍ୱାଗତିକା ଆଚାର୍ଯ୍ୟ, ତନୟା ମଲିକ, ଜନନୀ ମଲିକଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

● ବାବା କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ଭଞ୍ଜନଗରକୁ ହରାଇ ଭୁବନେଶ୍ୱର ଚାମ୍ପିଅନ

ବୌଦ୍ଧ, ୮ ।୨(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ସରସରା ହାଇସ୍କୁଲ ଖେଳ ପଡ଼ିଆଠାରେ ବାବା ବୈଦ୍ୟନାଥ ଯୁବ ସଂଘ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ ବାବା କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଭଞ୍ଜନଗରକୁ ୨-୧ ଗୋଲରେ ହରାଇ ଭୁବନେଶ୍ୱର ଚାମ୍ପିଅନ ହୋଇଛି। ବୌଦ୍ଧ ବିଧାୟକ ସରୋଜ ପ୍ରଧାନ, ଜଗବନ୍ଧୁ ପାତ୍ର, ରେଞ୍ଜ ଅଫିସର୍ ଆର୍ତ୍ତତ୍ରାଣ ମିର୍ଦ୍ଧା, ସରସରା ସରପଞ୍ଚ ହରି ନାଏକ, ପୂର୍ବତନ ସରପଞ୍ଚ ପଙ୍କଜ କର୍ଣ୍ଣ, ସୁଧୀର ନାଏକ, ପ୍ରଭାସ ମହାପାତ୍ର ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ।



